**ଆକ୍ରମଣକାରୀ ପୁଅ ଗିରଫ**

**ଢେଙ୍କାନାଳ ଅଫିସ:** ପାରିବାରିକ କଳହକୁ କେନ୍ଦ୍ରକରି ମା'ଙ୍କୁ ଶିଳପୁଆରେ ଆକ୍ରମଣ କରି ଗିରଫ ହୋଇଛନ୍ତି ପୁଅ। ଏଭଳି ଏକ ଘଟଣା ଘଟିଛି ଢେଙ୍କାନାଳ ସହର ମାଣ୍ଡପା ସାହି ଅଞ୍ଚଳରେ। ପୋଲିସ ଅଭିଯୁକ୍ତ ଅଭିନବ ସାହୁ ଓରଫ ଦିଲୀପ (୪୭)ଙ୍କୁ କୋର୍ଟ ଚାଲାଣ କରିଛି। ଆକ୍ରମଣର ଶିକାର ହୋଇ ଗୁରୁତର ହୋଇଥିବା ମା' ରୂପବତୀ ସାହୁ ଜିଲା ଚିକିତ୍ସାଳୟରେ ଚିକିତ୍ସାଧୀନ ଅଛନ୍ତି। ଏ ନେଇ ଟାଉନ ଥାନାରେ ନଂ. ୧୬୦/୨୨ରେ ଏକ ମାମଲା ରୁଜୁ କରାଯାଇଛି।

## ସଂକ୍ଷେପରେ

### ଗଞ୍ଜେଇ ଜବତ, ୨ ଗିରଫ


ଅଭିଯୁକ୍ତ ସୁଶାନ୍ତ ସାହୁ

**ବଇଣ୍ଡା,୨୧।୩ (ଡି.ଏନ.ଏ.):** କିଶୋରନଗର ଥାନା ବଙ୍କାପଲସା ଗ୍ରାମ ରାସ୍ତା ନିକଟରେ ରବିବାର ବିଳମ୍ବିତ ରାତିରେ ଭୁବନେଶ୍ୱର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ଚଢ଼ାଉ କରି ଏକ କାରରେ ଚାଲାଣ ହେଉଥିବା ୧ କୁଇଣ୍ଟାଲ ୬୪ କେଜି ଗଞ୍ଜେଇ ଜବତ କରିଛି। ଏଥିରେ ସମ୍ପୃକ୍ତି ଅଭିଯୋଗରେ କିଶୋରନଗରସ୍ଥିତ ଏକ ବ୍ୟାଙ୍କର କର୍ମଚାରୀ ତଥା ବଙ୍କାପଲସା ଗ୍ରାମର ସୁଶାନ୍ତ କୁମାର ସାହୁ ଓ ସଞ୍ଜାମୁରା ଗ୍ରାମର ଯୁଗଳ ସାହୁଙ୍କୁ ଗିରଫ କରାଯାଇଛି। ଅନ୍ୟ ୨ବ୍ୟବସାୟୀ ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି। କାରରୁ ଏକ ଦେଶୀ ବନ୍ଧୁକ ଜବତ ହୋଇଛି। ସେହିପରି ଗଞ୍ଜେଇ ଚାଲାଣରେ ପାଇଲଟିଂ କରୁଥିବା ଏକ ପଲସର ବାଇକ୍‌କୁ ମଧ ଜବତ କରାଯାଇଛି। ଘଟଣାରୁ ଜଣାପଡିଛି, ସୁଶାନ୍ତ କିଛିବର୍ଷ ହେବ ଗଞ୍ଜେଇ ବ୍ୟବସାୟ କରୁଥିବାବେଳେ ଏକ କାର ଯୋଗେ ସହଯୋଗୀଙ୍କ ସହ ଗଞ୍ଜେଇ ଜିଲା ବାହାରକୁ ଚାଲାଣ କରିବା ପାଇଁ ଯାଉଥିବା ବେଳେ ଏସ୍‌ଟିଏଫ ହାତରେ ଧରାପଡ଼ିଥିଲେ।

### ଗୁରୁତରଙ୍କ ମୃତ୍ୟୁ, ଅଭିଯୁକ୍ତ ଗିରଫ

କଣିହାଁ,୨୧।୩(ଡି.ଏନ.ଏ.)- କଣିହାଁ ବ୍ଲକ ରେଙ୍ଗାଲି ଥାନା ପୋଲିସ ସୋମବାର ହତ୍ୟାକାଣ୍ଡ ମାମଲାରେ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଆଇଆଇସି ଅନାମ ଲାକ୍ରା କହିଛନ୍ତି, ଶନିବାର ହୋଲି ଉତ୍ସବ ପାଳନ ହୋଇଥିବାବେଳେ କୁଲାବିର ଗ୍ରାମ ଆଦିବାସୀ ସାହିରେ ରାତିରେ ଗଣ୍ଡଗୋଳ ହୋଇଥିଲା। ନିକଟରେ ଘର କରିଥିବା କାଠିରାମ ବୋଇତ ଏହାର ପ୍ରତିବାଦ କରିବାରୁ ତାଙ୍କୁ ପିଣ୍ଟୁ ଗୋଚ୍ଛାୟତ କାଠ ଫାଳିଆରେ ମାଡ ମାରିଥିଲେ। କାଠିରାମଙ୍କୁ ପ୍ରଥମେ ଖମାର ସ୍ୱାସ୍ଥ୍ୟକେନ୍ଦ୍ର ପରେ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ସୋମବାର ତାଙ୍କର ମୃତ୍ୟୁ ଘଟିଛି। ପୋଲିସ ନଂ. ୪୪/୨୨ରେ ମାମଲା ରୁଜୁ କରି ଅଭିଯୁକ୍ତ ପିଣ୍ଟୁ ଗୋଚ୍ଛାୟତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି।

### ଗାଡ଼ି ଧକ୍କାରେ ଯୁବକ ମୃତ

**ବଣଁରପାଳ,୨୧।୩(ଡି.ଏନ.ଏ.)**- କଟକ-ସମ୍ବଲପୁର ୫୫ନଂ. ଜାତୀୟ ରାଜପଥର ଅନୁଗୋଳ ଜିଲା ନାଲ୍‌କୋସ୍ଥିତ ସିପିପି ଛକ ନିକଟରେ ସୋମବାର ଅପରାହ୍ନରେ ଏକ ଗାଡି ଧକ୍କାରେ ହୁଲୁରସିଙ୍ଗା ଅଞ୍ଚଳର ଶୁଭ୍ରାଂଶୁ ନାୟକଙ୍କ ମୃତ୍ୟୁ ଘଟିଛି। ସେ ଏକ ସ୍କୁଟି ଯୋଗେ ବଣଁରପାଳରୁ ନାଲ୍‌କୋ ଅଭିମୁଖେ ଆସୁଥିବାବେଳେ ଏକ ଗାଡ଼ି ତାଙ୍କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ନାଲକୋ ପୋଲିସ ପହଞ୍ଚି ତଦନ୍ତ ଚଳାଇଛି।

### ଜଳୁଛି ତଳେଇପଥର ଜଙ୍ଗଲ

ବଇଣ୍ଡା,୨୧।୩(ଡି.ଏନ.ଏ.)- ଆଠମଲ୍ଲିକ ବ୍ଲକ ଧଣ୍ଡାତୋପା ରେଞ୍ଜ ସାନହୁଲା ପଞ୍ଚାୟତ ତଳେଇପଥର ଜଙ୍ଗଲ ୨ ଦିନ ହେବ ଜଳୁଛି। ନିଆଁ ଲିଭାଯାଉ ନ ଥିବା ଯୋଗୁ ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧ୍ୟରେ ଏହା ଭୟର ବାତାବରଣ ସୃଷ୍ଟି କରିଛି। ବର୍ତ୍ତମାନ ମହୁଲ ଗଛରୁ ମହୁଲ ଫୁଲ ସଂଗ୍ରହ କରାଯାଉଥିବାବେଳେ ଫୁଲ ଗୋଟାଳିମାନେ ଜଙ୍ଗଲରେ ନିଆଁ ଲାଗାଇ ଦେଉଥିବା ଅଭିଯୋଗ ହୋଇଛି। ନିଆଁକୁ ଆୟତ୍ତ କରିବା ପାଇଁ ଅଞ୍ଚଳବାସୀ ବନବିଭାଗକୁ ସୂଚନା ଦେଲେ ମଧ କୌଣସି ପଦକ୍ଷେପ ନେଉ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ତୁରନ୍ତ ନିଆଁକୁ ଲିଭାଇବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ଏ ନେଇ ଧଣ୍ଡାତୋପା ରେଞ୍ଜର ବବ୍ରୁବାହାନ ସାହୁ କହିଛନ୍ତି, ଜଙ୍ଗଲ ନିଆଁକୁ ଲିଭାଇବା ପାଇଁ ସ୍ୱତନ୍ତ୍ର ଟିମ୍ ଗଠନ ହୋଇଛି। ନିଆଁ ଲିଭାଯାଉଛି।

### ରାସ୍ତା ନିର୍ମାଣ ଦାବିରେ ଏନ୍‌ଏଚ୍ ଅବରୋଧ

**ପରଜଙ୍ଗ, ୨୧।୩(ଡି.ଏନ.ଏ.):** ଢେଙ୍କାନାଳ ଜିଲା ପରଜଙ୍ଗ ଦେଇ ସୁକିନ୍ଦାକୁ ନିର୍ମାଣାଧୀନ ୫୩ନଂ. ଜାତୀୟ ରାଜପଥରୁ ପିଟିରି ଗ୍ରାମକୁ ସ୍ୱତନ୍ତ୍ର ରାସ୍ତା ନିର୍ମାଣ କରିବା ଦାବିରେ ଗ୍ରାମବାସୀ ସୋମବାର ଜାତୀୟ ରାଜପଥ ଅବରୋଧ କରିଥିଲେ। ଅଭିଯୋଗ ଅନୁଯାୟୀ, ପିଟିରି ଗ୍ରାମ ନିକଟରେ ନିର୍ମାଣାଧୀନ ଓଭରବ୍ରିଜ୍ କାର୍ଯ୍ୟକ୍ଷମ ହେଲେ ପାଲଲହଡ଼ା-ରାଉରକେଲା, ପରଜଙ୍ଗ-ଡୁବୁରି ଓ ସୁକିନ୍ଦାକୁ ଯାନବାହନ ଚଳାଚଳ କରିବ। ଓଭରବ୍ରିଜ୍ ଦେଇ ଗୋଟିଏ ପାର୍ଶ୍ୱରୁ ଅନ୍ୟ ପାର୍ଶ୍ୱକୁ ଯିବାଆସିବା ଲାଗି ଅଣ୍ଡରପାସ୍ ନିର୍ମାଣ କରାଯାଇନାହିଁ। ଫଳରେ ଲୋକଙ୍କୁ ଅଧିକ ବୁଲାଣି ପଡ଼ିବ। ତେଣୁ ଜାତୀୟ ରାଜପଥରୁ ଗ୍ରାମକୁ ସ୍ୱତନ୍ତ୍ର ସଡ଼କ ନିର୍ମାଣ କରିବାକୁ ସେମାନେ ଦାବି କରି ପୂର୍ବାହ୍ନ ୮ଟାରୁ ରାସ୍ତା ଅବରୋଧ କରିଥିଲେ। କାମାକ୍ଷାନଗର ଉପଜିଲାପାଳ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିଥିଲେ। ମଙ୍ଗଳବାର ପୂର୍ବାହ୍ନ ୧୧ଟାରେ ପରଜଙ୍ଗ ତହସିଲ କାର୍ଯ୍ୟାଳୟରେ ଏ ସଂକ୍ରାନ୍ତରେ ଆଲୋଚନା କରାଯିବ ବୋଲି ପ୍ରତିଶ୍ରୁତି ମିଳିବା ପରେ ରାସ୍ତାରୋକୋ ହଟିଥିଲା।

# ୨୦୨୨ ସୁଦ୍ଧା ୨୧୨ ପଞ୍ଚାୟତରେ ପାର୍କ

**ଢେଙ୍କାନାଳ ଅଫିସ, ୨୧।୩**



ସମୀକ୍ଷା ବୈଠକରେ ଜିଲାପାଳଙ୍କ ସମେତ ଅନ୍ୟମାନେ।

- ଉପାନ୍ତ ଅଞ୍ଚଳରେ ଶିକ୍ଷାହାର ବଢ଼ାଇବାକୁ ନିର୍ଦ୍ଦେଶ
- ଷ୍ଟାଡିୟମ୍, ବସ୍‌ଷ୍ଟାଣ୍ଡ ନିର୍ମାଣ ସାରିବାକୁ ଗୁରୁତ୍ୱ

ଢେଙ୍କାନାଳ ଜିଲା କାର୍ଯ୍ୟାଳୟ ଓସ୍ୱାନ୍ ଭିଡିଓ କନ୍‌ଫରେନ୍ସ ହଲ୍‌ରେ ସୋମବାର ଜିଲାପାଳ ସରୋଜ କୁମାର ସେଠୀ କୋଭିଡ୍ ସ୍ଥିତି ଏବଂ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି। କୋଭିଡ୍ ଆଶଙ୍କା ସମ୍ପୂର୍ଣ୍ଣ ଦୂର ହୋଇନାହିଁ। ତେଣୁ ଏଥିପ୍ରତି ସତର୍କତା ଅବଲମ୍ବନ କରିବା ସହିତ ମାର୍ଗଦର୍ଶିକା ପାଳନ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ପ୍ରତି ବ୍ଲକରେ ଷ୍ଟାଡିୟମ୍ ଓ ବସ୍‌ଷ୍ଟାଣ୍ଡ ନିର୍ମାଣ ପ୍ରକ୍ରିୟା ତ୍ୱରାନ୍ୱିତ କରିବା ସହ ୨୦୨୨ ଶେଷ ସୁଦ୍ଧା ଜିଲାର ସମସ୍ତ ୨୧୨ ପଞ୍ଚାୟତରେ ଗ୍ରାମ୍ୟ ପାର୍କ ନିର୍ମାଣ କାର୍ଯ୍ୟ ସାରିବାକୁ ଜିଲାପାଳ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଡ୍ରପ୍ ଆଉଟ୍ ପିଲାଙ୍କୁ ଚିହ୍ନଟ କରି ବିଦ୍ୟାଳୟ ମୁହାଁ କରାଇବା, ଉପାନ୍ତ ଅଞ୍ଚଳରେ ସାକ୍ଷରତା ହାର ବଢ଼ାଇବା, ସ୍କୁଲକୁ ଆପ୍ରୋଚ ରୋଡ୍ ନିର୍ମାଣ, ଅଙ୍ଗନୱାଡି କେନ୍ଦ୍ରରେ ପୁଷ୍ଟିସାଧନ କାର୍ଯ୍ୟକ୍ରମ ତ୍ୱରାନ୍ୱିତ କରିବା, ମାର୍ଚ୍ଚ ଶେଷ ସୁଦ୍ଧା ବିଦ୍ୟାଳୟ ରୂପାନ୍ତରଣ କାର୍ଯ୍ୟକ୍ରମ ସାରିବା, ସରକାରୀ ଶିକ୍ଷାନୁଷ୍ଠାନର ନିଜସ୍ୱ ଜମିପଟ୍ଟା, ଲୋକଙ୍କୁ ଉନ୍ନତମାନର ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ଲାଗି ଜିଲାପାଳ ଗୁରୁତ୍ୱାରୋପ କରିଛନ୍ତି। ଏଥିସହ ଲଘୁଖଣିଜ ଉତ୍ସଗୁଡ଼ିକ ଉପରେ ତୀକ୍ଷ୍ଣ ନଜର ରଖିବା, ଚୋରା ଚାଲାଣକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ତହସିଲଦାରଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଗ୍ରାମ୍ୟ ପୋଖରୀ, ରାସ୍ତାର ଉନ୍ନତୀକରଣ, ରାଜସ୍ୱ ଆଦାୟ ବୃଦ୍ଧି ପାଇଁ ଯତ୍ନବାନ ହେବାକୁ ଜିଲାପାଳ କହିଛନ୍ତି। ଏମ୍‌ଜିଏନ୍‌ଆର୍‌ଇଜିଏସ୍, ଆବାସ ଯୋଜନାରେ ଲକ୍ଷ୍ୟଧାର୍ଯ୍ୟ ପୂରଣ ଦିଗରେ ଆବଶ୍ୟକ ପଦକ୍ଷେପ ନେବାକୁ ପିଡି ଡିଆର୍‌ଡିଏ ସାଫଲ୍ୟ ମଣ୍ଡିତ ପ୍ରଧାନ ସମସ୍ତ ବ୍ଲକର ବିଡିଓମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଚଳିତ ମାସ ସୁଦ୍ଧା ୧୨ରୁ ୧୪ବର୍ଷର ୪୩ ହଜାର ଛାତ୍ରୀଛାତ୍ରଙ୍କ ଟିକାକରଣ କରାଯିବ ବୋଲି ସିଡିଏମ୍‌ଓ ଡା. ଅଶୋକ କୁମାର ଦାସ ସୂଚନା ଦେଇଛନ୍ତି। ବୈଠକରେ ଏଡିଏମ୍‌ଓ ଡା. ଜ୍ୟୋତିଷ ଚନ୍ଦ୍ର ମହାପାତ୍ର, ସ୍ୱାସ୍ଥ୍ୟ ମିଶନ ପରିଚାଳିକା ସୋନାଲି ପ୍ରିୟଦର୍ଶିନୀ, ଆପତକାଳୀନ ଅଧିକାରୀ ସ୍ନିଗ୍ଧାଛାୟା ମହାପାତ୍ର, ଶିକ୍ଷାଧିକାରୀ ନିବେଦିତା ପାଣି, ଓସ୍‌ଡମା ଡିପିଓ ନିମାଇଁ ଚରଣ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ଲୋକନୃତ୍ୟ, ରୋଲ ପ୍ଲେ ପ୍ରତିଯୋଗିତା

**ଢେଙ୍କାନାଳ ଅଫିସ, ୨୧।୩**

**ବ୍ରଜନାଥ ବଡ଼ଜେନା, କାନପୁରା ହାଇସ୍କୁଲ ଶ୍ରେଷ୍ଠ**

ଢେଙ୍କାନାଳ ସୁଲକ୍ଷଣାଦେବୀ ସରକାରୀ ଉଚ୍ଚ ବିଦ୍ୟାଳୟ ସଭାଗୃହରେ ଜିଲାସ୍ତରୀୟ ଲୋକନୃତ୍ୟ ଏବଂ ରୋଲ୍‌ପ୍ଲେପ୍ରତିଯୋଗିତା-୨୦୨୨ ଅନୁଷ୍ଠିତ ହୋଇଯାଇଛି। ଲୋକନୃତ୍ୟ ପ୍ରତିଯୋଗିତାରେ ଢେଙ୍କାନାଳ ବ୍ରଜନାଥ ବଡ଼ଜେନା ହାଇସ୍କୁଲ ପ୍ରଥମ, ଭାପୁର ଭୋଳେଶ୍ୱର ଧଳ ହାଇସ୍କୁଲ ଦ୍ୱିତୀୟ ଏବଂ ରାସୋଳ ହାଇସ୍କୁଲ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ସେହିପରି ରୋଲ୍ ପ୍ଲେ'ରେ କାନପୁରା ପଞ୍ଚାୟତିରାଜ ହାଇସ୍କୁଲ ପ୍ରଥମ, ବ୍ରଜନାଥ ବଡ଼ଜେନା ହାଇସ୍କୁଲ ଦ୍ୱିତୀୟ ଏବଂ ଶଙ୍କରପୁର ହାଇସ୍କୁଲ ତୃତୀୟ ସ୍ଥାନ ହାସଲ କରି ପୁରସ୍କୃତ ହୋଇଛନ୍ତି। ନାଟ୍ୟକାର ଶତ୍ରୁଘ୍ନ ମାଟି, ଶାସ୍ତ୍ରୀୟ ସଙ୍ଗୀତ ଗୁରୁ ଯାମିନୀ ରଞ୍ଜନ ଦାସ, ସବିତା ଧୀର, ସୁରେଶ କୁମାର ମିଶ୍ର ବିଚାରକ ଭାବେ ଉପସ୍ଥିତ ଥିଲେ। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜିଲା ଶିକ୍ଷା ଅଧିକାରୀ ନିବେଦିତା ପାଣି କହିଲେ, ପାଠପଢ଼ା ବ୍ୟତୀତ ଅନ୍ୟ ବିଭାଗରେ ରୁଚି ରହିବା ଜରୁରୀ। ଲୋକନୃତ୍ୟ, ରୋଲ୍ ପ୍ଲେ ଭଳି ସହ ଶୈକ୍ଷିକ କାର୍ଯ୍ୟକ୍ରମ ମାଧ୍ୟମରେ ଛାତ୍ରୀଛାତ୍ରଙ୍କ ସର୍ବାଙ୍ଗୀନ ବିକାଶ ସମ୍ଭବ ବୋଲି ସେ ମତବ୍ୟକ୍ତ କରିଥିଲେ। ସୁଲକ୍ଷଣାଦେବୀ ବାଳିକା ହାଇସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ମିନତୀ ଦେହୁରୀ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଜିଲା ବିଜ୍ଞାନ ସୁପରଭାଇଜର ଅଶୋକ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।


ଶ୍ରେଷ୍ଠ ଲୋକନୃତ୍ୟ ଦଳକୁ ପୁରସ୍କାର ପ୍ରଦାନ କରାଯାଉଛି।

## ସ୍ୱଧାର ଗୃହକୁ ଖାଦ୍ୟ, ପୋଷାକ ଦେଲେ ଶାଶ୍ୱତୀ

**ଅନୁଗୋଳ ଅଫିସ,୨୧।୩**


ଅନ୍ତେବାସୀଙ୍କୁ ପୋଷାକ ବଣ୍ଟନ କରୁଛନ୍ତି ଶାଶ୍ୱତୀ ପତି।

ଗତ ଫେବୃୟାରୀରେ ଗୋଆରେ ଅନୁଷ୍ଠିତ ମିସ୍ ଆଣ୍ଡ ମିସ୍ରେସ୍ ଗ୍ଲାମର ଅଫ୍ ଇଣ୍ଡିଆ-୨୦୨୧ରେ ରନର୍ସଅପ୍ ଟାଇଟଲ ହାସଲ କରିଥିବା ଅନୁଗୋଳ ଝିଅ ଶାଶ୍ୱତୀ ପତି ସୋମବାର ଅନୁଗୋଳ ଆସିଥିବାବେଳେ ମାଟିଆ ସାହି ସ୍ଥିତ ସ୍ୱଧାର ଗୃହ ପରିଦର୍ଶନରେ ଯାଇଥିଲେ। ସେଠାରେ ଶାଶ୍ୱତୀ କିଛି ସମୟ ରହିବା ସହ ଅନ୍ତେବାସୀଙ୍କୁ ଖାଦ୍ୟ ସାମଗ୍ରୀ ଓ ପୋଷାକ ବଣ୍ଟନ କରିଥିଲେ। ସମାଜର ମୁଖ୍ୟ ସ୍ରୋତରୁ ଦୂରେଇ ରହିଥିବା ଅବହେଳିତମାନଙ୍କ ପାଇଁ କିଛି କରିବା, ବିଶେଷକରି ମହିଳା ସଶକ୍ତୀକରଣ ଦିଗରେ କାମ କରିବା ତାଙ୍କର ଲକ୍ଷ୍ୟ ବୋଲି ପ୍ରକାଶ କରିଥିଲେ। ଯୁବଶକ୍ତି ସ୍ୱେଚ୍ଛାସେବୀ ସଙ୍ଗଠନ ସହଯୋଗରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଶାଶ୍ୱତୀଙ୍କ ସହିତ ସାମାଜିକ କର୍ମୀ ବ୍ରହ୍ମଜ୍ୟୋତି ମିଶ୍ର, ଅଜୟ ଭାଇ, ପର୍ଶୁରାମ ଦାଶ ଓ ସ୍ୱଧାର ଅନୁଷ୍ଠାନର ସଂଯୋଜକ କଲ୍ୟାଣ କିଶୋର ମହାନ୍ତି ଉପସ୍ଥିତ ଥିଲେ।

## ପଖାଳ ଓଡ଼ିଆ ସଂସ୍କୃତିର ଅବିଚ୍ଛେଦ୍ୟ ଅଙ୍ଗ

**ଢେଙ୍କାନାଳ ଅଫିସ, ୨୧।୩**

ଢେଙ୍କାନାଳ ସଦର ବ୍ଲକ ନଡ଼ିଆଳି ପଞ୍ଚାୟତ ଉଆସଡ଼ିହ ଗ୍ରାମରେ ରବିବାର ବିଶ୍ୱ ପଖାଳ ଦିବସ ପାଳିତ ହୋଇଯାଇଛି। ସ୍ଥାନୀୟ ଶ୍ରୀରାମମନ୍ଦିର ପରିସରରେ ଆୟୋଜିତ ସାଂସ୍କୃତିକ ସଭାରେ ମୁଖ୍ୟ ଅତିଥି ଭାବେ ଏମ୍‌ପି ମହେଶ ସାହୁ ଯୋଗଦେଇ କହିଲେ, ପଖାଳ ହେଉଛି ଓଡ଼ିଆ ସଂସ୍କୃତିର ଅବିଚ୍ଛେଦ୍ୟ ଅଙ୍ଗ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିଭିନ୍ନ ପ୍ରକାରର ପଖାଳ ଅର୍ପଣ କରାଯାଏ। ଓଡ଼ିଆ ଜନଜୀବନରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଥିବା ପଖାଳ ଆମର ସୁଖଦୁଃଖର ସାଥୀ ବୋଲି ଏମ୍‌ପି କହିଥିଲେ। ସମ୍ମାନିତ ଅତିଥି ଭାବେ ରାଜୀବ ଲୋଚନ ସିଂଦେଓ ଯୋଗଦେଇ କହିଲେ, ପଖାଳ ଜଗନ୍ନାଥ ସଂସ୍କୃତି ସହ ଓତଃପ୍ରୋତ ଭାବେ ଜଡ଼ିତ। ଜିଲା ସକ୍ରିୟ ନାଗରିକ ପରିଷଦ ସଭାପତି ପ୍ରଦ୍ୟୁମ୍ନ ରଥଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଉପସଭାପତି ଅଖିଳ ମହାପାତ୍ର, ମନ୍ଦିର କମିଟି ସଭାପତି ଅରୁଣ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଆୟୋଜିତ ସାମୂହିକ ଭୋଜନରେ ଓଡ଼ିଆ ବ୍ୟଞ୍ଜନ ପରିବେଷଣ କରାଯାଇଥିଲା।

## ନ୍ୟାୟ ଦାବିରେ ଥାନା ଘେରାଉ

**ଢେଙ୍କାନାଳ ଅଫିସ, ୨୧।୩**

**ବିକାଶ ନାୟକ ହତ୍ୟା ଘଟଣା**


ଗ୍ରାମବାସୀ ଥାନା ଘେରାଉ କରିଛନ୍ତି।

ବହୁଚର୍ଚ୍ଚିତ ବିକାଶ ନାୟକ (୪୦) ହତ୍ୟା ଘଟଣାକୁ ନେଇ ଅଶାନ୍ତ ହୋଇଉଠିଛି ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକର ମୋଟଙ୍ଗା। ଏଭଳି ଜଘନ୍ୟ ନାରକୀୟ କାଣ୍ଡର ମୁଖ୍ୟ ଅଭିଯୁକ୍ତଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଏବଂ ଏଥିରେ ସାମିଲ ଥିବା ଅନ୍ୟମାନଙ୍କୁ ଗିରଫ କରିବା ଦାବିରେ ସୋମବାର ଗ୍ରାମବାସୀ ଥାନା ଘେରାଉ କରିଛନ୍ତି। ଏହା ନ ହେଲେ ଅଞ୍ଚଳବାସୀ ଆନ୍ଦୋଳନ ତୀବ୍ରତର କରିବେ ବୋଲି ଚେତାବନୀ ଦେଇଛନ୍ତି।

ମୋଟଙ୍ଗା ପଞ୍ଚାୟତର ବିଜୟୀ ସରପଞ୍ଚଙ୍କ ଅତି ଘନିଷ୍ଠ ତଥା ମର୍ଗିଲାଲ ରୁଙ୍ଗ୍‌ଟା କମ୍ପାନୀ ପ୍ରଜାସଂଘ ସଭାପତି ବିକାଶଙ୍କୁ ଶନିବାର ରାତି ପ୍ରାୟ ସାଢ଼େ ୯ଟାରେ ହତ୍ୟା କରାଯାଇଥିଲା। ଗ୍ରାମର ଦୋଳମଣ୍ଡପ ନିକଟରେ ଅଭିଯୁକ୍ତମାନେ ତାଙ୍କୁ ଅତି ନିର୍ମମ ଭାବେ ଧାରୁଆ ଅସ୍ତ୍ରରେ ହାଣି ହତ୍ୟା କରିଥିଲେ। ରାଜନୈତିକ ଶତ୍ରୁତା ଏବଂ କମ୍ପାନୀ ଗଣ୍ଡଗୋଳକୁ ନେଇ ଏହି ହତ୍ୟାକାଣ୍ଡ ଘଟିଥିବା ଚର୍ଚ୍ଚା ହେଉଥିବାବେଳେ ଘଟଣାର ମୁଖ୍ୟ ଅଭିଯୁକ୍ତ ପ୍ରକାଶ ପ୍ରଧାନଙ୍କୁ ରବିବାର ପରଜଙ୍ଗ ଅଞ୍ଚଳରୁ ପୋଲିସ ଗିରଫ କରିଥିଲା। ସେହିପରି ଅନ୍ୟ ୬ଜଣଙ୍କୁ ଥାନାରେ ଅଟକ ରଖି ପଚରାଉଚରା ଜାରି ରହିଛି। ପ୍ରକାଶଙ୍କ ବ୍ୟତୀତ ଏଥିରେ ସମ୍ପୃକ୍ତ ଅନ୍ୟମାନଙ୍କୁ ଗିରଫ କରିବା ସହିତ କଠୋର ଦଣ୍ଡରେ ଦଣ୍ଡିତ କରିବା ଦାବିରେ ମୃତ ବିକାଶଙ୍କ ସମ୍ପର୍କୀୟ ଏବଂ ଗ୍ରାମବାସୀ ମୋଟଙ୍ଗା ଥାନା ଘେରାଉ କରିଥିଲେ। ଏ ସଂକ୍ରାନ୍ତରେ ଏକ ଦାବିପତ୍ର ସେମାନେ ଥାନାଧିକାରୀ ନିରଞ୍ଜନ ସେଠୀଙ୍କୁ ପ୍ରଦାନ କରିଛନ୍ତି। ଏ ନେଇ ଥାନାଧିକାରୀ କୁହନ୍ତି, ଘଟଣାର ମୁଖ୍ୟ ଅଭିଯୁକ୍ତ ପ୍ରକାଶ ପ୍ରଧାନ ଗିରଫ ହୋଇଛନ୍ତି। ଅନ୍ୟ ୬ଜଣଙ୍କୁ ଅଟକ ରଖାଯାଇଛି। ନଂ. ୭୨/୨୨, ଦଫା ୩୦୨,୧୨୦ (ବି) ଓ ୩୪ରେ ଏକ ମାମଲା ରୁଜୁ କରାଯାଇ ପୋଲିସ ତଦନ୍ତ କରୁଛି।

## ଆଠମଲ୍ଲିକରେ ଜୋର୍‌ଦାର ପ୍ରଚାର

**ବଇଣ୍ଡା,୨୧।୩(ଡି.ଏନ.ଏ.)**


ଆଠମଲ୍ଲିକରେ ବିଜେଡି ପକ୍ଷରୁ ପ୍ରଚାର କରାଯାଉଛି।

ପୌର ନିର୍ବାଚନ ପାଇଁ ୨୪ ତାରିଖରେ ଭୋଟଗ୍ରହଣ ହେବାକୁ ଥିବାରୁ ବିଜେଡି ପକ୍ଷରୁ ଆଠମଲ୍ଲିକରେ ଜୋରଦାର ପ୍ରଚାର କରାଯାଉଛି। ଏନ୍‌ଏସିର ୧୧ଟି ୱାର୍ଡକୁ କିଭଳି ଦଖଲ କରାଯିବା ସହ ଅଧ୍ୟକ୍ଷା ପଦ ହାତେଇ ହେବ ସେ ନେଇ ଦଳ ପକ୍ଷରୁ ଗୋଟିଚାଳନା କରାଯାଉଛି। ସମ୍ବଲପୁର ପର୍ଯ୍ୟବେକ୍ଷକ ନଳିନୀକାନ୍ତ ପ୍ରଧାନ ପ୍ରଚାର ମଙ୍ଗ ଧରି ପ୍ରତ୍ୟେକ ୱାର୍ଡରେ ଶୋଭାଯାତ୍ରା ମାଧ୍ୟମରେ ଅଧ୍ୟକ୍ଷା ପ୍ରାର୍ଥୀ ଆଶା କୁମାରୀ ସାହୁଙ୍କ ସହ ବିଜେଡି କାଉନସିଲରଙ୍କ ପାଇଁ ଭୋଟ ଭିକ୍ଷା କରୁଛନ୍ତି। ଆଠମଲ୍ଲିକବାସୀଙ୍କ ସମସ୍ୟାର ସମାଧାନ କରାଯିବ ବୋଲି ଲୋକଙ୍କୁ ପ୍ରତିଶ୍ରୁତି ଦିଆଯାଉଛି। ବିଜେଡି ନେତା ସନ୍ତୋଷ କୁମାର ପ୍ରଧାନ, ସୁନୀଲ ପ୍ରଧାନ, ଜିତେନ୍ଦ୍ର ବେହେରା, କିଶୋରନଗର ବ୍ଲକ ଯୁବ ବିଜେଡି ସଭାପତି ଅରୁଣ କୁମାର ସାହୁ, ତପନ ପ୍ରଧାନ, ଲୁହାମୁଣ୍ଡା ସରପଞ୍ଚ କୁମୁଦଚନ୍ଦ୍ର ସାହୁ, ଚିତ୍ତରଞ୍ଜନ କର୍ଣ୍ଣ, ଆନୁକୂଲ୍ୟ ବେହେରାଙ୍କ ସମେତ ବହୁ ବିଜେଡି କର୍ମୀ ପ୍ରଚାର ଚଳାଇଛନ୍ତି।

## ବିଭିନ୍ନ ୱାର୍ଡରେ ବିଜେଡିର ପ୍ରଚାର

**ଢେଙ୍କାନାଳ ଅଫିସ, ୨୧।୩**

ଢେଙ୍କାନାଳ ପୌରାଞ୍ଚଳର ନଗରପାଳ ପ୍ରାର୍ଥିନୀ ଅନିମା ନାୟକ ଏବଂ ୧୦ନଂ. ୱାର୍ଡର କାଉନ୍‌ସିଲର ପ୍ରାର୍ଥୀ କିରଣବାଳା ରାଉତଙ୍କ ପାଇଁ ବିଧାୟକ ସୁଧୀର କୁମାର ସାମଲ ସୋମବାର ପ୍ରଚାର କରିଛନ୍ତି। ଏହି ଅବସରରେ ବିଜେଡି କର୍ମୀଙ୍କୁ ନେଇ ଏକ ଶୋଭାଯାତ୍ରା ସମଗ୍ର ୱାର୍ଡ ପରିକ୍ରମା କରିଥିଲା। ବରିଷ୍ଠ ନେତା ସୁକାନ୍ତ କୁମାର ମିଶ୍ର, ଜିଲା ସାଧାରଣ ସମ୍ପାଦକ ଦେବାଶିଷ ମିଶ୍ର, ଶ୍ରୀକାନ୍ତ ଧଳ, ଛାତ୍ର ବିଜେଡି ସଭାପତି ସୁରଜ ମହାପାତ୍ର, ରଞ୍ଜନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଅପରାହ୍ନରେ ବିଧାୟକ ୧୮ନଂ, ୧୯ନଂ. ଓ ୨୩ନଂ. ୱାର୍ଡରେ ଦଳୀୟ କାଉନସିଲର ପ୍ରାର୍ଥୀ ଓ ନଗରପାଳ ପ୍ରାର୍ଥୀଙ୍କ ପାଇଁ ଭୋଟ ଭିକ୍ଷା କରିଥିଲେ।

## 'କଳା ଓ ସାହିତ୍ୟ ଅଙ୍ଗାଙ୍ଗୀ ଭାବେ ଜଡ଼ିତ'


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିଙ୍କ ସହ ଆମନ୍ତ୍ରିତ କଳାକାର ଓ ବ୍ୟଙ୍ଗ କବିମାନେ।

**ବଣଁରପାଳ,୨୧।୩(ଡି.ଏନ.ଏ.)**

କଳା ଓ ସାହିତ୍ୟ ଅଙ୍ଗାଙ୍ଗୀ ଭାବେ ଜଡ଼ିତ। ହୋଲି ଅବସରରେ ନାଲ୍‌କୋନଗରସ୍ଥିତ କମ୍ୟୁନିଟି ସେଣ୍ଟର୍‌ଠାରେ ନାଲ୍‌କୋ ଏସ୍‌ଆଣ୍ଡପି ୱେଲଫେୟାର କମିଟି ପକ୍ଷରୁ ଆୟୋଜିତ 'ବ୍ୟଙ୍ଗ କବିତା ଆସର'ରେ ଯୋଗଦେଇଥିବା ଅତିଥିମାନେ ଏହା କହିଛନ୍ତି। ମୁଖ୍ୟଅତିଥି ଭାବେ ସିପିପି ଜିଜିଏମ୍ ସରୋଜ କୁମାର ମିଶ୍ର, ସମ୍ମାନିତ ଅତିଥି ଭାବେ ଏସ୍‌ଆଣ୍ଡପି ମାନବସମ୍ବଳ ବିକାଶ ଜିଜିଏମ୍ ସତ୍ୟାନନ୍ଦ ସାହୁ ଉପସ୍ଥିତ ଥିଲେ। ଆମନ୍ତ୍ରିତ କଳାକାର ଭାବେ ବ୍ୟଙ୍ଗ କବି ଜ୍ଞାନ ହୋତା, ବ୍ରଜ ସୁବୁଦ୍ଧି, ଅଭିନେତା ପ୍ରିୟବ୍ରତ ପଣ୍ଡା, ମନୁ ମାଷ୍ଟ୍ରେ, ହିନ୍ଦୀ ବ୍ୟଙ୍ଗ କବି ଅମିତ୍ ଦୁବେ ଯୋଗ ଦେଇଥିଲେ। କମିଟି ଅଧ୍ୟକ୍ଷ ମଣିରଞ୍ଜନ ପଟ୍ଟନାୟକ, ରାଜାରାମ ମିଶ୍ର, କିଶୋର ବେହେରାଙ୍କ ସମେତ କର୍ମକର୍ତ୍ତାମାନେ ସହଯୋଗ କରିଥିଲେ।

## ପଞ୍ଚାୟତ ଉନ୍ନୟନ କାର୍ଯ୍ୟ ସମୀକ୍ଷା

**ବଇଣ୍ଡା,୨୧।୩(ଡି.ଏନ.ଏ.)**

ଆଠମଲ୍ଲିକ ବ୍ଲକ ପେଡିପଥର ପଞ୍ଚାୟତ କାର୍ଯ୍ୟାଳୟ ସଭାଗୃହ ପରିସରରେ ସୋମବାର ପଞ୍ଚାୟତର ଉନ୍ନୟନ କାର୍ଯ୍ୟ ଉପରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ଭରତ ଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ପଞ୍ଚାୟତ ନିର୍ବାହୀ ଅଧିକାରୀ ପ୍ରତାପ ପ୍ରଧାନ, ନାଏବ ସରପଞ୍ଚ ଅନସୂୟା ଖିଲାର, ଲୋଚନ ନାୟକ, ମମତା ପ୍ରଧାନ, ଲିଲି ବେହେରା, କପିଳ ପ୍ରଧାନ, ଜିଆରଏସ ପ୍ରଦୀପ ପ୍ରଧାନଙ୍କ ସମେତ ଗ୍ରାମବାସୀ ଯୋଗ ଦେଇଥିଲେ। ବିଭିନ୍ନ ଗ୍ରାମ ସମସ୍ୟାର ଶୀଘ୍ର ସମାଧାନ, ଉପଯୁକ୍ତ ହିତାଧିକାରୀଙ୍କ ନିକଟରେ ସରକାରୀ ଯୋଜନା ପହଞ୍ଚିବା, ଜଳଛତ୍ର ବ୍ୟବସ୍ଥା ଆଦି ସମ୍ପର୍କରେ ଆଲୋଚନା ହୋଇଥିଲା। ସେହିପରି ପୂର୍ବରୁ ପଞ୍ଚାୟତରେ ହୋଇଥିବା ଦୁର୍ନୀତି ସମ୍ପର୍କରେ ଭିଜିଲାନ୍ସଠାରେ ଅଭିଯୋଗ କରାଯିବା ପାଇଁ ନିଷ୍ପତ୍ତି ହୋଇଥିଲା।



ବୈଠକରେ ଉପସ୍ଥିତ ସରପଞ୍ଚଙ୍କ ସମେତ ଅନ୍ୟମାନେ।

# ମା' ଛେଉଣ୍ଡ ଯାଆଁଳା ଶିଶୁଙ୍କୁ ସହାୟତା

- ଆଶୀର୍ବାଦ ଯୋଜନାରେ ଅନ୍ତର୍ଭୁକ୍ତ ହେବେ
- ରେଡ୍‌କ୍ରସ୍ ପାଣ୍ଠିରୁ ମାସିକ ୨୦୦୦ ଟଙ୍କା ମିଳିବ

**ଢେଙ୍କାନାଳ ଅଫିସ, ୨୧।୩**


ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଥିବା ଶିଶୁଙ୍କ ସମ୍ପର୍କୀୟ।

ଯାଆଁଳା ସନ୍ତାନକୁ ଜନ୍ମ ଦେବାପରେ ଆଖିବୁଜିଲେ ମା'। ଜୀବନ କ'ଣ ଜାଣିବା ଆଗରୁ ଦୁଇ କୋମଳମତି ଛୁଆ ହୋଇଗଲେ ମାତୃହରା। ବାପା ମାନସିକ ଅନଗ୍ରସର ହୋଇଥିବାରୁ ଏହି ଦୁଇ କଅଁଳ ଶିଶୁ କେମିତି ବଞ୍ଚିବେ ତାହାକୁ ନେଇ ପରିବାର ସଦସ୍ୟ ଚିନ୍ତାରେ ପଡ଼ିଥିବାବେଳେ ସହାୟତାର ହାତ ବଢ଼ାଇଛି ଢେଙ୍କାନାଳ ଜିଲା ପ୍ରଶାସନ। ଶିଶୁଙ୍କ ସମ୍ପର୍କୀୟଙ୍କୁ ରେଡ୍‌କ୍ରସ୍ ପାଣ୍ଠିରୁ ମାସିକ ୨ ହଜାର ଟଙ୍କା ଲେଖାଏ ଆର୍ଥିକ ସହାୟତା ଯୋଗାଇ ଦେବା ସହିତ ସେମାନଙ୍କୁ ଆଶୀର୍ବାଦ ଯୋଜନାରେ ଅନ୍ତର୍ଭୁକ୍ତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ଜିଲାପାଳ ସରୋଜ କୁମାର ସେଠୀ।

ସୂଚନାଯୋଗ୍ୟ, ଢେଙ୍କାନାଳ ସଦର ବ୍ଲକ ଭାପୁର ଶବର ସାହିର ଅଜୁ ନାଏକ (୨୫) ଜଣେ ମାନସିକ ଅନଗ୍ରସର। ୧୫ଦିନ ତଳେ କଟକର ଏକ ସ୍ୱାସ୍ଥ୍ୟକେନ୍ଦ୍ରରେ ତାଙ୍କ ସ୍ତ୍ରୀ ରଶ୍ମିତାଙ୍କ ପ୍ରସବ ହୋଇଥିଲା। ସେ ଏକସାଙ୍ଗରେ ଝିଅ ଏବଂ ପୁଅଙ୍କୁ ଜନ୍ମ ଦେଇଥିଲେ। ପ୍ରସବ ପରେ ରଶ୍ମିତାଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗଡ଼ିଯାଇଥିଲା ଏବଂ ୧୮ ତାରିଖରେ ତାଙ୍କର ମୃତ୍ୟୁ ଘଟିଥିଲା। ଅଜୁଙ୍କ ମାନସିକ ଅବସ୍ଥା ଭଲ ନ ଥିବାରୁ ଦୁଇ ଶିଶୁଙ୍କ ଲାଳନପାଳନ କରିବା ଚିନ୍ତାର ବିଷୟ ପାଲଟିଥିଲା। ଏଭଳି ସମୟରେ ସୋମବାର ଜିଲାପାଳଙ୍କ ଦ୍ୱାରସ୍ଥ ହୋଇ ସହାୟତା ଲୋଡ଼ିଥିଲେ ଅଜୁଙ୍କ ଦୁଇ ଖୁଡ଼ୀ ଝରଣା ନାଏକ ଏବଂ କୁନି ନାଏକ। ଏଭଳି ଏକ ଦୁଃଖଦ ଘଟଣାରେ ଶିଶୁଙ୍କ ପ୍ରତି ଜିଲାପାଳ ସମବେଦନା ଜ୍ଞାପନ କରିଛନ୍ତି। ଦୁଇ ଛୁଆଙ୍କ ଟିକାକରଣ, ନିୟମିତ ବ୍ୟବଧାନରେ ସ୍ୱାସ୍ଥ୍ୟ ପରୀକ୍ଷା କରିବାକୁ ସିଡିପିଓଙ୍କୁ କୁହାଯାଇଛି। ଉଭୟ ଶିଶୁଙ୍କୁ ଅନ୍ୟ ସରକାରୀ ଯୋଜନାରେ ସାମିଲ କରିବାକୁ ଜିଲାପାଳ ପ୍ରତିଶ୍ରୁତି ଦେଇଛନ୍ତି।

